ପ୍ରମେୟ
THE PRAMEYA

ବିଶ୍ୱସ୍ତରୀୟ ହେବ ଆଇଆଇଟି

- ବଢ଼ିବ ବିଦେଶୀ ଅଧ୍ୟାପକ ସଂଖ୍ୟା, ଖୋଲିବ ବାୟୋ ଇଞ୍ଜିନିୟରିଂ ସ୍କୁଲ
- ଭୁବନେଶ୍ୱର ଆଇଆଇଟି ସହ ଏମ୍ସର ଏମ୍‌ଓୟୁ
- ସ୍ୱାସ୍ଥ୍ୟ ସେବାରେ ବୈଷୟିକ ଅଭିବୃଦ୍ଧି ପାଇଁ ହେବ ମିଳିତ ଗବେଷଣା

ଭୁବନେଶ୍ୱର, ୬।୧ (ଦ୍ୟୁରୋ): ବିଶ୍ୱସ୍ତରୀୟ ହେବ ଇଣ୍ଡିଆନ୍ ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର। ସେଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ମଧ୍ୟ ଏହି ନିର୍ଦ୍ଦେଶ ଦେଇଛି। ଏ ବାବଦରେ ଅଧ୍ୟାପକ ନିଯୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତି ବିଭାଗରେ ଟପର୍‌ମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଉଭୟ ବିଟେକ୍ ଓ ଏମଟେକ୍‌ରେ ଟପର୍ ରହିଛନ୍ତି। ୬ଜଣ ବିଦେଶୀ ଅଧ୍ୟାପକଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ବିଦେଶୀ ଅଧ୍ୟାପକଙ୍କ ସଂଖ୍ୟା ବଢ଼ିବ ବୋଲି ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଛନ୍ତି।

ସୋମବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରିୟାଲ୍ ନିଶଙ୍କଙ୍କ ଓଡ଼ିଶା ଗସ୍ତ ସମୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କର ବୈଠକର ଆୟୋଜିତ ହୋଇଥିଲା। ବୈଠକ ସମ୍ପର୍କରେ ସୂଚନା ଦେଇ ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଛନ୍ତି, କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଆଇଆଇଟି, ଏମ୍ସ, ଆଇଜର୍, ଏନ୍‌ଆଇଟି, କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟର ମୁଖ୍ୟମାନଙ୍କୁ ଡାକି ଆଲୋଚନା କରିଥିଲେ। ବୈଠକରେ ଯୋଗ ଦେଇଥିବା ଅନୁଷ୍ଠାନ ମୁଖ୍ୟମାନେ ତାଙ୍କ ଶିକ୍ଷାନୁଷ୍ଠାନରେ ହେଉଥିବା କର୍ଯ୍ୟାଦ୍ରମ ବାବଦରେ ସୂଚନା ଦେଇଥିଲେ। ସେମାନେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବାବଦରେ କହିଥିଲେ।

ମନ୍ତ୍ରୀ କହିଥିଲେ, ବଡ଼ କାମ କରିବା ସମୟରେ ଛୋଟ ଛୋଟ ସମସ୍ୟା ଦେଖା ଦେଇଥାଏ। ତାହାକୁ ନେଇ ବିବ୍ରତ ହେବା ଅନୁଚିତ୍। ଆସନ୍ତା ୧ ମାସ ମଧ୍ୟରେ ଆଇଆଇଟି ପରିସରରେ ସ୍ପୋର୍ଟସ୍ କମ୍ପେକ୍ସ ଉଦ୍‌ଯାଟିତ ହେବ। ତା'ର ଉଦ୍‌ଯାଟନ ପାଇଁ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଖୁବ୍‌ଶୀଘ୍ର ଆଇଆଇଟି ସମେତ ଅନ୍ୟ ଶିକ୍ଷାନୁଷ୍ଠାନ ଗସ୍ତ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଆଗାମୀ ଦିନରେ ଆଇଆଇଟିରେ ଖୋଲିବ ବାୟୋ ଇଞ୍ଜିନିୟରିଂ ସ୍କୁଲ। ଏଥିପାଇଁ ସହଯୋଗ କରିବ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଭୁବନେଶ୍ୱର। ସ୍ୱାସ୍ଥ୍ୟ ସେବାରେ ବୈଷୟିକ ଅଭିବୃଦ୍ଧି ପାଇଁ ଉଭୟ ସଂସ୍ଥା ମିଳିତ ଭାବେ ଗବେଷଣା କରିବେ। ତେଣୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଉପସ୍ଥିତିରେ ଆଜି ଭୁବନେଶ୍ୱର ଆଇଆଇଟି ଓ ଏମ୍ସ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଏମ୍‌ସ ପକ୍ଷରୁ ନିର୍ଦ୍ଦେଶକ ଗୀତାଞ୍ଜଳି ବାତମାନବାନେ ଓ ଆଇଆଇଟି ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ରାଜକୁମାର ଉପସ୍ଥିତ ଥିଲେ।

ଏ ବାବଦରେ ସୂଚନା ଦେଇ ପ୍ରଫେସର ରାଜକୁମାର କହିଛନ୍ତି, ଆମର ବୈଷୟିକ ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ଏମ୍ସ ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ। ଆମେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈଷୟିକ ସହାୟତା ଯୋଗାଇବାକୁ ହାତ ମିଳାଇଛୁ। ସେହିପରି ଏମ୍ସ ଅମକୁ ବାୟୋ ଇଞ୍ଜିନିୟରିଂ କ୍ଷେତ୍ରରେ ସହଯୋଗ କରିପାରିବ। ଭବିଷ୍ୟତରେ ଭୁବନେଶ୍ୱର ଆଇଆଇଟି ବାୟୋ ଇଞ୍ଜିନିୟରିଂ ସ୍କୁଲ ଖୋଲିବାକୁ ଲକ୍ଷ୍ୟ ରଖିଛି। ତେଣୁ ସେମାନଙ୍କ ସହ ହାତ ମିଳାଇବା ଏହି କ୍ଷେତ୍ରରେ ଅଧିକ ସାହାଯ୍ୟ କରିବ। ପ୍ରୋ-ବାୟୋଟିକ୍ସ କ୍ଷେତ୍ରରେ ମିଳିତ ଗବେଷଣା ହୋଇଛି। ଗବେଷଣାରେ ଅଧିକ ଅଭିବୃଦ୍ଧି ପାଇଁ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ପୂର୍ବରୁ ଜାଲିଥିବା ମିଳିତ ଗବେଷଣାକୁ ଏହାଦ୍ୱାରା ସ୍ୱୀକୃତି ମିଳିଲା ବୋଲି କହିଛନ୍ତି।